ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

## ସାରା ରାଜ୍ୟରେ ଧାନ ସଂଗ୍ରହ କାର୍ଯ୍ୟ ତ୍ୱରାନ୍ୱିତ

# ଆଜି ସୁଦ୍ଧା ୪୩ ଲକ୍ଷ ୩୮ ହଜାର ୭୭୮ ଟନ ଧାନ ସଂଗ୍ରହ

## ଧାର୍ଯ୍ୟ ଲକ୍ଷ୍ୟର ୮୭ ପ୍ରତିଶତ ଧାନ ସଂଗ୍ରହ ହେଲାଣି

ଭୁବନେଶ୍ୱର, ୦୩ ଫେବୃଆରୀ, ୨୦୨୦

ସାରା ରାଜ୍ୟରେ ଚଳିତ ଖରିଫ୍ ଧାନ ସଂଗ୍ରହ କାର୍ଯ୍ୟ ପୂର୍ଣ୍ଣମାତ୍ରାରେ ଚାଲିଥିବାବେଳେ ଫେବୃଆରୀ ୧୩ ତାରିଖ ସୁଦ୍ଧା ରାଜ୍ୟ ସରକାରଙ୍କ ଦ୍ୱାରା ୪୩ ଲକ୍ଷ ୩୮ ହଜାର ୭୭୮ ଟନ ଧାନ ବିଭିନ୍ନ ଧାନ ସଂଗ୍ରହ କେନ୍ଦ୍ର ଜରିଆରେ କରାଯାଇଛି ଯାହା ଧାର୍ଯ୍ୟ ଲକ୍ଷ୍ୟର ୮୭ ପ୍ରତିଶତ । ସୂଚନାଯୋଗ୍ୟ ଯେ ଚଳିତ ବର୍ଷ ରାଜ୍ୟ ସରକାର ଖରିଫରେ ୫୦ ଲକ୍ଷ ଟନ ଧାନ ସଂଗ୍ରହ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି । ଧାନ ସଂଗ୍ରହ କାର୍ଯ୍ୟ ଚଳିତ ବର୍ଷ ମାର୍ଚ୍ଚ ମାସ ଶେଷ ପର୍ଯ୍ୟନ୍ତ ଚାଲିବ ।

ସମସ୍ତ ୩୦ଟି ଜିଲ୍ଲାରେ ୩୫୪୧ଟି ଧାନ ସଂଗ୍ରହ କେନ୍ଦ୍ର ମାଧ୍ୟମରେ ଚାଷୀମାନଙ୍କୁ ପି-ପାସ୍ ଓ ଆଗୁଆ ଟୋକେନ୍ ପ୍ରଦାନ ମାଧ୍ୟମରେ ଧାନ ସଂଗ୍ରହ କାର୍ଯ୍ୟ କରାଯାଉଛି । ଏ ପର୍ଯ୍ୟନ୍ତ ଚାଷୀମାନଙ୍କୁ ସମୁଦାୟ ୧୦ ଲକ୍ଷ ୨ ହଜାର ୮୨୩ଟି ଆଗୁଆ ଟୋକେନ୍ ପ୍ରଦାନ କରାଯାଇଥିବାବେଳେ ଆଜି ସୁଦ୍ଧା ୭ ଲକ୍ଷ ୬୯ ହଜାର ୮୬୦ ଜଣ ଚାଷୀ ଧାନ ବିକ୍ରି କରିଛନ୍ତି । ଅଧିକ ଧାନ ସଂଗ୍ରହ ହୋଇଥିବା ଜିଲ୍ଲାଗୁଡ଼ିକ ମଧ୍ୟରେ ବାଲେଶ୍ୱରରୁ ୧ ଲକ୍ଷ ୨୬ ହଜାର ୯୦୭ ଟନ, ବରଗଡ଼ରୁ ୬ ଲକ୍ଷ ୩୭ ହଜାର ୩୮୯ ଟନ, ବଲାଙ୍ଗୀରରୁ ୩ ଲକ୍ଷ ୧ ହଜାର ୧୫୦ ଟନ, ଗଞ୍ଜାମ ଜିଲ୍ଲାରୁ ୨ ଲକ୍ଷ ୮୧ ହଜାର ୮୧୭ ଟନ, କଳାହାଣ୍ଡିରୁ ୪ ଲକ୍ଷ ୩୩ ହଜାର ୮୯୨ ଟନ, କୋରାପୁଟରୁ ୨ ଲକ୍ଷ ୯୬୨ ଟନ, ନବରଙ୍ଗପୁର ୧ ଲକ୍ଷ ୩୩ ହଜାର ୩୨୦ ଟନ, ସମ୍ୱଲପୁର ଜିଲ୍ଲାରୁ ୨ ଲକ୍ଷ ୯୬ ହଜାର ୧୮୨ ଟନ, ନୂଆପଡ଼ାରୁ ୧ ଲକ୍ଷ ୨୧ ହଜାର ୩୦୧ ଟନ, ସୁବର୍ଣ୍ଣପୁର ଜିଲ୍ଲାରୁ ୩ ଲକ୍ଷ ୨୨ ହଜାର ୬୬୪ ଟନ ଏବଂ ସୁନ୍ଦରଗଡ଼ ଜିଲ୍ଲାରୁ ୧ ଲକ୍ଷ ୩୩ ହଜାର ୯୫୩ ଟନ ଧାନ ସଂଗ୍ରହ କରାଯାଇଛି । ଧାନ ସଂଗ୍ରହ ଅର୍ଥ ବାବଦକୁ ଚାଷୀମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଆଜି ସୁଦ୍ଧା ପ୍ରାୟ ୭୪୫୮ କୋଟି ୭୯ ଲକ୍ଷ ଟଙ୍କା ହସ୍ତାନ୍ତର କରାଯାଇଛି ।

ତାପସ କୁମାର ସାହା
ସୂଚନା ଅଧିକାରୀ